ପରମାର୍ଥୀ
P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ଓଁ ପରମାର୍ଥୀ ଓଁ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂମ୍ଭୃତମ୍ ।
ପୁନନ୍ତି ତେ ବିଷୟ ବିଦୂଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ମାର୍ଗଶିର ପୂର୍ଣ୍ଣିମା - ଡିସେମ୍ବର - ୨୦୨୦ ସଂଖ୍ୟା ୧୦

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
| --- | --- | --- |
| ୧ - ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଗୌଡ଼ୀୟ ଦର୍ଶନ | ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର | ୮ |
| ୩- ଗାନ୍ଧାରୀଙ୍କ ଅଭିଶାପ | ସଦାଶିବ ପଣ୍ଡା | ୧୦ |
| ୪- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୨ |
| ୫- ଗାଁ ଛୋଟି ଓଡ଼ିଶା ଓ ଶ୍ରୀଭକ୍ତି ବିନୋଦ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧୬ |
| ୬- ବୃନ୍ଦାବତୀଙ୍କ କାବ୍ୟରେ ଶ୍ରୀକୃଷ୍ଣତତ୍ତ୍ୱ | ଶ୍ରୀ ଭକ୍ତିକୁଶଳ | ୧୭ |




# ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା

**ବିଷୟ - ଶରଣାଗତି ହିଁ ଭକ୍ତିର ପ୍ରାଣ**

ସ୍ଥାନ - ଶ୍ରୀ ଗୌଡ଼ୀୟ ମଠ ବାଗବଜାର, କଲିକତା-୩, (ଇଂ. ୧୬/୧୦/୫୯)

ପରମାରାଧ୍ୟତମ ଶ୍ରୀ ଶ୍ରୀ ଗୁରୁବର୍ଗଙ୍କର କୃପା-ପ୍ରାର୍ଥନାମୁଖେ ଶ୍ରୀ ଶ୍ରୀ ଉର୍ଜ୍ଜାବ୍ରତ କାଳେ ଶ୍ରୀମଦ ଭାଗବତର ଶିକ୍ଷା ଶ୍ରବଣ କରୁଛି ।

ଭକ୍ତ-ସାଧୁ ଭଗବାନଙ୍କର ଶରଣାଗତ; ଭଗବାନଙ୍କର ନାମରେ, ରୂପରେ, ଗୁଣରେ, ମହିମାରେ ତାର ଚିତ୍ତ ଉଦ୍ଭାସିତ । ସେ ଭଗବାନ ଛଡ଼ା ଅନ୍ୟ କିଛି ଆକାଂକ୍ଷା କରେନା; ପାର୍ଥିବ ଧନ, ସମ୍ପଦ, ଯଶ, ପ୍ରତିଷ୍ଠା ସେ କାମନା କରେନା । ଏ ରକମ ଭକ୍ତ- ସାଧୁ ଦୁଇପ୍ରକାର - (୧) ଗୃହସ୍ଥ ସାଧୁ ଓ (୨) ତ୍ୟାଗୀ ସାଧୁ ।

**ଗୃହସ୍ଥ ଓ ତ୍ୟାଗୀ ସାଧୁ-ଜୀବନର ମୂଳ ଉଦ୍ଦେଶ୍ୟ ବିଶ୍ଳେଷଣ :**

ଗୃହସ୍ଥ ସାଧୁ ସଦୁପାୟରେ ଅର୍ଥ ଉପାର୍ଜନ କରି ଜୀବିକା ନିର୍ବାହ କରେ । ସେ ବିଷ୍ଣୁ ସେବାରେ ରତ ଉପାର୍ଜନର ଏକ ଦଶମାଂଶ କିମ୍ବା ତା ଠାରୁ ବେଶୀ ଶ୍ରୀଭଗବାନଙ୍କର ସେବାରେ ଅର୍ପଣ କରେ। ତ୍ୟାଗୀ ସାଧୁ ଯେଉଁମାନେ, ସେମାନେ ନିରନ୍ତର ଭଗବାନ ସେବାରେ ନିରତ। କିନ୍ତୁ ତ୍ୟାଗୀ ସାଧୁର କି ଭାବେ ଉପଜୀବିକା ନିର୍ବାହ ହେବ ? ତାର ଦେହ ଅଛି, ଭରଣପୋଷଣ ଅଛି, ସୁତରାଂ ଦେହ ଯା'ର ଅଛି, କେଉଁଠୁ ଜୀବିକା ନିର୍ବାହ ହେବ ? ଶ୍ରୀ ଗୁରୁଦେବ ହିଁ ତାର ଭରଣପୋଷଣ କରନ୍ତି। ସାଧୁ ଗୃହ ତ୍ୟାଗ କରିଛନ୍ତି କାହିଁକି ? ବ୍ରହ୍ମଚାରୀ, ବାନପ୍ରସ୍ଥ ବା ସନ୍ୟାସୀ ହୋଇଛନ୍ତି କାହିଁକି ? ଗୃହରେ ରହି ମଧ୍ୟ ଭଗବାନଙ୍କର ଉପାସନା ଓ ସେବା କରାଯାଏ। କିନ୍ତୁ ଗୃହରେ ରହିଲେ ଚିତ୍ତର ଅନେକଗୁଡ଼ିଏ, ଆତ୍ମୀୟସ୍ୱଜନ, ଅର୍ଥ, ଯଶ ପଭୃତି କାଢିନିଅନ୍ତି; ତେଣୁ ବିଷ୍ଣୁଙ୍କର ଆରାଧନା ସବୁ ସମୟରେ ସୁଷ୍ଠୁଭାବେ କରିବା ନିମିତ୍ତ ଗୃହଠାରୁ ଚାଲିଆସେ। ଜୀବନର ମୂଳ ଉଦ୍ଦେଶ୍ୟ ବିଷ୍ଣୁସେବାରେ ଜୀବନ ନିର୍ବାହ Cent Percent (ଶତପ୍ରତିଶତ) ସେବାରେ ଆତ୍ମନିୟୋଗ ପାଇଁ ଗୃହତ୍ୟାଗୀ ସନ୍ୟାସୀ ସାଧୁଭକ୍ତର ଗୃହତ୍ୟାଗ। ଏଥିପାଇଁ ସମସ୍ତେ ସ୍ମରଣ ରଖିବା ଦରକାର

"ନାରାଧିତେ ଯଦି ହରିସ୍ତପସା ତତଃ କିମ୍।" - (ଶ୍ରୀ ନାରଦ- ପଞ୍ଚରାତ୍ର)

ଯଦି ହରି ଆରଧନା ନ କର, ତେବେ ଗୃହତ୍ୟାଗର କିମ୍ବା କୃଚ୍ଛ୍ରତାର କୌଣସି ଦାମନାହିଁ; ମୂଳ ଉଦ୍ଦେଶ୍ୟ ହେବ ବିଷ୍ଣୁଙ୍କ ଆରାଧନା, ତାଙ୍କ ସେବାରେ ପରିପୂର୍ଣ୍ଣ ଆତ୍ମନିୟୋଗ । ସର୍ବପ୍ରଥମ ଶ୍ରୀଗୁରୁପଦାଶ୍ରୟ ଆଶ୍ରୟ ନେବାର ପରେ ଗୁରୁଙ୍କର ଆଦେଶ ଓ ନିର୍ଦ୍ଦେଶ ଅନୁସାରେ ଭଜନ ଆରମ୍ଭ କରେ । ଗୃହରେ ରହୁ ଅଥବା ତ୍ୟାଗୀ ହେଉ, ଗୁରୁଙ୍କର ନିର୍ଦ୍ଦେଶ ମତେ ଜୀବନଯାପନ, ଭଜନ ଓ ଆରାଧନା କରିଥାଏ। ଗୁରୁଙ୍କର ନିର୍ଦ୍ଦେଶମତେ ଗୃହରେ ରହେ କିମ୍ବା ଗୃହତ୍ୟାଗ କରେ ଗୁରୁଦେବ ସ୍ୱ ସ୍ୱ ଅଧିକାରର ବିରୁଦ୍ଧ କୌଣସି କର୍ତ୍ତବ୍ୟ କର୍ମର ଆଦେଶ ଦିଅନ୍ତି ନାହିଁ।

କୃଷ୍ଣେ ଭକ୍ତି କୈଲେ ସର୍ବ କର୍ମ କୃତ ହୟ ।

ପୁତ୍ର-କନ୍ୟାର ପ୍ରତି ମୋହବଶତଃ ନଅର ତୋଳି ପାରେନା। ବିବାହିତ ସ୍ତ୍ରୀରପ୍ରତି ଆସକ୍ତି ଥିବାରୁ ଗୃହଛାଡ଼ି ପାରେ ନାହିଁ। ବାପା-ମା'ଙ୍କ ପ୍ରତି ଆସକ୍ତି ରହିଛି ଶ୍ରେୟକୁ ବାଦ ଦେଇ ପ୍ରେୟକୁ ଧରି ବସିଛି। ଏଭଳି ବ୍ୟକ୍ତି ଗୃହତ୍ୟାଗ କରେନା।

"ସ୍ଥିର ହଏ। ଘରେ ଯାଓ, ନା ହଓ ବାତୁଲ।" - (ଶ୍ରୀ ଚୈ.ଚ.ମ:- ୧୬/୨୩୭)

"ଯଦିଓ ଗୃହେ ଟାନଆଛେ, ତଥାପି ଗୁରୁଦେବେର ନିର୍ଦ୍ଦେଶେ ପଥ ହାଁଟେ।" ସଂସାରେର ପ୍ରତି ଟାନ ପ୍ରବଳ ନୟ।

ଐକାନ୍ତିକ ଭଜନରେ ବାଧାଦାନ କରେନା ପରେ ଗୁରୁଦେବଙ୍କର ନିର୍ଦ୍ଦେଶ ମତେ ଗୃହତ୍ୟାଗ କରେ, ଗୁରୁଗୃହରେ

ଆଶ୍ରୟ ନିଏ; ଗୁରୁଗୃହକୁ ଆସେ ଯେ ଗୁରୁଗୃହକୁ ଆସି ପାରିଲାନାହିଁ କାରଣ ତାର କର୍ତ୍ତବ୍ୟ ବୋଧ ରହିଛି। ପୁନଶ୍ଚ ମହତର ସନ୍ନିଧାନେ ଆସିଲାନାହିଁ, ଭବସାଗରରେ ଘୂରି ଘୂରି ବୁଲୁଛି, ସେ ଦୁର୍ନୈତିକ ଜୀବନରୁ ରକ୍ଷା ପାଏନା। ତା ଠାରୁ ଯେ ଗୃହରେ ବାସ କରେ, ତାର ଜୀବନ ସୁନ୍ଦରତର ଯାର ଗୁରୁ ନାହି କିମ୍ବା ନିଜେହିଁ ଗୁରୁ - ନିଜର ପରିଚୟ ନିଜେ ଜାଣେନା; ଏପରି ବ୍ୟକ୍ତି ବିପନ୍ନ ପ୍ରକଟ ଗୁରୁଙ୍କ ଆଶ୍ରୟରେ ନାହିଁ ଭବସାଗରରେ ଘୂରି ଜୀବନ କାଟୁଛି - ଏପରି ବ୍ୟକ୍ତି ବିପଦ-ଜନକ ଅବସ୍ଥାରେ ଅଛି। ଗୁରୁଦେବଙ୍କର ଆଦେଶ-ନିର୍ଦ୍ଦେଶ ମଧ୍ୟରେ ରହିପାରିଲେ ଭଲ। ସନ୍ୟାସୀର ମଧ୍ୟ ଗୁରୁଦେବ ଅଛନ୍ତି। ସେଇ ଗୁରୁଦେବଙ୍କ ନିର୍ଦ୍ଦେଶରେ ଗୁରୁସେବା ଗୃହତ୍ୟାଗୀର ଉପଜୀବିକା। ଯେ ମନ ପ୍ରାଣ ଗୁରୁଦେବଙ୍କ ନିର୍ଦ୍ଦେଶ ମତେ ନିୟୋଗ କରେ, ସେ ସତ ସାଧକ। ସେ ଗୁରୁଦେବ ହିଁ ତାର maintenance (ଲାଳନପାଳନ) କରନ୍ତି। ଗୁରୁଦେବ ତା'ର ଭରଣପୋଷଣ କରନ୍ତି। ପୋଷାକ (clothing)- ଲୁଗାପଟା ସବୁହିଁ ଗୁରୁଦେବ ଦିଅନ୍ତି। ଶିଶୁକୁ ଯେଉଭଳି ପିତା ଦିଏ ଶିକ୍ଷା-ଦୀକ୍ଷା ଇତ୍ୟାଦି ମଧ୍ୟ ଗୁରୁଦେବ ଦିଅନ୍ତି -

"ନିଜେର ପୋଷଣ, କଭୁ ନା ଭାବିବ।" - (ଶରଣାଗତି)

ନିଜର ଭୋଜନ ବା ଆଶ୍ରୟର କଥା କଦାପି ଚିନ୍ତା କରେନା। ସେ ଘର ଛାଡ଼ି ବଡ଼ଘରେ ଅର୍ଥାତ ଭଗବଦ୍‌ଗୃହେ ଆସି ପଡ଼ିଛି, ଯା'ର ଆଶ୍ରୟରେ ଆସିଛି ସେ ସର୍ବତୋଭାବେ ପାଳନ ଓ ରକ୍ଷା କରନ୍ତି।

ଯୋଗକ୍ଷେମଂ ବହାମ୍ୟହମ - ( ଶ୍ରୀମଦ ଭଗବଦଗୀତା)

ମୋର ଯାବତୀୟ ଚିନ୍ତା ତୁମେ ନିଅ। ହେ ଭଗବାନ୍! ମୁଁ ବିକ୍ରୀତ ପଶୁ, ତେଣୁ ତ୍ୟାଗୀର ନିଜ ଭରଣ-ପୋଷଣ ଚିନ୍ତା ଅଶୋଭନ। ନିଜ ଖାଇବା ଓ ପୋଷାକର ଚିନ୍ତା କରେନା। ଯାର ସେବା ପାଇଁ ଘରଛାଡ଼ିଛି, ତାର ଚିନ୍ତାରେ ମନ-ପ୍ରାଣ ଭରି ରହେ; ତନ୍ମୟ ହୋଇଯାଏ।

ଘରେ ରହିଲେ ସଂଚୟ ରହେଁ; ଉପାର୍ଜନ କରିବାକୁ ହୁଏ। ଗୃହସ୍ଥ ଯେଉଭଳି ଉପାର୍ଜନ କରିବ, ସେହିଭଳି ବିଷ୍ଣୁସେବା ମଧ୍ୟ କରିବ। ଗୃହତ୍ୟାଗୀକୁ ଉପାର୍ଜନ ଚିନ୍ତା କରିବାକୁ ହୁଏନା; ଖାଇବା ପିନ୍ଧିବା ଭାବନା କରିବାକୁ ହୁଏନା। ଯଦିକରେ ତା ଅନ୍ୟାୟ, ଅଶୋଭନ, ଅସୁନ୍ଦର। ଏ ଆଶ୍ରମର ବ୍ୟଭିଚାର କରେ। ନିଜର ପୋଷଣର ଭାର ଭଗବାନଙ୍କ ଉପରେ ଛାଡ଼ି ଦେଇ ପାରିନାହିଁ। ସଂସାର ତ୍ୟାଗ କରିଲେ ବିଷ୍ଣୁ ମୋତେ ପାଳନ କରେ ଅନ୍ୟକୁ ଏ ଉପଦେଶ ଦିଏ କିନ୍ତୁ ନିଜେ ସଂଚୟ କରେ। ଏଭଳି ବ୍ୟକ୍ତିର ବିଷ୍ଣୁଙ୍କ ନିକଟରେ ରହିବାର status (ଅଧିକାର ବା ଯୋଗ୍ୟତା) ନାହିଁ। ଅନ୍ୟାୟ ଆଚରଣ ରହିଲେ, ଏ ଚିନ୍ତା ମନରେ ଆସିଲେ ଗୃହତ୍ୟାଗ କରିବା ଅନ୍ୟାୟ।

"ନିଜେର ପୋଷଣ କଭୁ ନା ଭାବିବ।" - (ଶରଣାଗତି)

କେବଳ ବିଷ୍ଣୁ ସେବାହିଁ କୃତ୍ୟ - ଏଇ ଭାବନାରେ ଏଇ ଚିନ୍ତାରେ ଆତ୍ମହରା, ଆତ୍ମନିମଗ୍ନା ଯେ ଭଗବାନଙ୍କ ପାଇଁ ଘର-ଛାଡ଼ିଛି, ତାକୁ ସବୁହିଁ ଭଗବାନ ଦେବେ। ଭଗବାନ ଗୁରୁରୂପେ ପାଳନ କରୁଛନ୍ତି, ତୁମର ସମସ୍ତ ଭାର ସେ

ନେଇଛନ୍ତି -

'ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ ।" - (ଶ୍ରୀଗୀତା ୧୦ /୧୦)

ଅନନ୍ୟ ଭାବେ ଭଗବାନଙ୍କର ସେବା ନିମିତ୍ତ ଗୃହତ୍ୟାଗ କରିଲେ ମଂଗଳ-ଅନିବାର୍ଯ୍ୟ ।

"କୃଷ୍ଣଯଦି କୃପାକରେ କୋନ ଭାଗ୍ୟବାନେ ।" (ଶ୍ରୀ ଚୈ.ଚ.ମ., ୨୨/୪୭)

**କୃଷ୍ଣ ସେବାରେ ଭାଣ୍ଡାରୀ :**

ଦୀକ୍ଷାଗୁରୁ ଅପ୍ରକଟ ହେଲେ ପ୍ରକଟଗୁରୁ ତାଙ୍କୁ ଆଶ୍ରୟ ଦିଅନ୍ତି। ଶ୍ରୀ ଭଗବାନ ହିଁ ତା'ର maintenance (ଲାଳନ ପାଳନ) କରନ୍ତି। **"କୃଷ୍ଣ ତୋମାର ହବ"** କୃଷ୍ଣହିଁ ଗୁରୁରୂପ ଧରି ଶିକ୍ଷାଦୀକ୍ଷା ଯେପରି ଦେଉଛନ୍ତି ସେପରି ଐହିକ, ପାରତ୍ରିକ କଲ୍ୟାଣ ଦେଉଛନ୍ତି। ତ୍ୟକ୍ତ ଗୃହୀ ଭକ୍ତ ଭଗବଦ - ଆଶ୍ରିତ। ଯେ ତୁମକୁ ଆଶ୍ରୟ ଦେଇଛନ୍ତି; ଗୃହତ୍ୟାଗ କରିବାକୁ କହିଛନ୍ତି, ଭଗବାନ ତାଙ୍କ ଭିତର ଦେଇ ଉପଦେଶ କରିଛନ୍ତି। ସମସ୍ତ ଜୀବନର ଭାର ନିଜେ ନେଇଛନ୍ତି - ଏ ପରି ଭାବରେ ଗୁରୁଦେବ ପୋଷଣ କରନ୍ତି, ଶିଶୁ ନିଜେ ଉପାର୍ଜନ କରେନା ତାର ପିତା ହିଁ ତାକୁ ପାଳନ କରେ। ସେଇଭଳି ଭଗବାନ ସବୁକିଛି ଦିଅନ୍ତି, ଗୁରୁଦେବଙ୍କର ମଧ୍ୟଦେଇ, ସବୁ ଦାୟିତ୍ୱ ତାଙ୍କର ନିଜେ ଚିନ୍ତା କରିଲେ lose (କ୍ଷତିଗ୍ରସ୍ତ) ହେବାକୁ ହେବ। ବ୍ରହ୍ମଚାରୀ, ବାନପ୍ରସ୍ଥ ଓ ସନ୍ୟାସୀଙ୍କୁ ଗୁରୁଦେବ ଶିକ୍ଷା ଦିଅନ୍ତି ସେ ନିଜେ ସେବା ନେଇ ଅଛନ୍ତି, ଏମାନଙ୍କ ପାଇଁ ସେବାର ବ୍ୟବସ୍ଥା କରନ୍ତି। ନିଜେ ବିଷ୍ଣୁ ସେବାରେ ରତ, ଆଶ୍ରିତ ଜନଗଣଙ୍କୁ ମଧ୍ୟ ନିୟୋଜିତ କରନ୍ତି। ସେମାନଙ୍କୁ ବିଷ୍ଣୁ ଆରାଧନାରେ ନିଯୁକ୍ତ ରଖନ୍ତି।

ଗୁରୁଦେବ ଆରାଧକ, ପୂଜାରୀ; ସେ ମଠ ରକ୍ଷକ। ସେବା distribute (ବିତରଣ) ସେ କରନ୍ତି; ଗୁରୁ-ଦେବ ସେବା ନେଇଅଛନ୍ତି; ସର୍ବକ୍ଷଣ ସେବା- ଚିନ୍ତାରେ ବିଭୋର କୃଷ୍ଣ ସେବା ସଂସାରରେ ସମସ୍ତଙ୍କୁ ବଣ୍ଟନ କରନ୍ତି ବାସନ ମଜା ଗୁରୁଦେବଙ୍କର ନିଜର କାର୍ଯ୍ୟ। ତଥାପି ତୁମକୁ ଦେଇ କରାଉଛନ୍ତି। ଗୁରୁଦେବ ପାରନ୍ତି; ସବୁ କିଛି କରିପାରନ୍ତି। ତଥାପି ତୁମକୁ ଦେଇ କରାଉଛନ୍ତି ଅର୍ଚ୍ଚନ, କୀର୍ତ୍ତନ ସବୁ ଭାର ତାଙ୍କର ସମସ୍ତଙ୍କୁ କିଛି କିଛି ଦେଇ ନିଯୁକ୍ତ କରାନ୍ତି। ତୁମର କୌଣସି ଚିନ୍ତା ନାହିଁ, ତୁମେ କେବଳ ସବୁ ସମୟରେ alert ( ସଜାଗ) ରୁହ।

"ନାଚିତେ ନାଚିତେ ନିକଟେ ଯାଇବ।" ତାଙ୍କ ଆଦେଶର ପ୍ରତୀକ୍ଷାରେ ରୁହ - ସମସ୍ତଙ୍କର ମଙ୍ଗଳ ନିମିତ୍ତ ସେବା । ତ୍ୟାଗୀର ଅର୍ଥ-ଚିନ୍ତା ନାହିଁ; ଗୁରୁଦେବହିଁ ଭିକ୍ଷା କରନ୍ତି। ତାଙ୍କ ପ୍ରଭୁଙ୍କର ସେବାପାଇଁ ଭିକ୍ଷୁକ ଗୁରୁଦେବ ସେ ସମସ୍ତଙ୍କର କଲ୍ୟାଣ ଚାହାଁନ୍ତି। ଗୁରୁଦେବଙ୍କୁ ହିଁ ଭିକ୍ଷା ଦିଅନ୍ତି - ସେବକକୁ ଦିଅନ୍ତି ନାହିଁ ତାଙ୍କୁ ବାଦ ଦେଇ ତୁମେ ଭିକ୍ଷୁକ ନୁହଁ, ସେ ତୁମ ଦେଇ ଆଣିଛନ୍ତି। ଏଗୁଡ଼ିକ ସିଦ୍ଧାନ୍ତ। ତୁମେ ଗୁରୁଦାସ; କର୍ତ୍ତା ଗୁରୁଦେବ, ସେ ରକ୍ଷକ। ସବୁ ଗୁରୁଦେବଙ୍କର ସେବା; ମନ୍ଦିରରେ ଘଣ୍ଟା ବାଜିବା ଇତ୍ୟାଦି ସବୁକାର୍ଯ୍ୟ ତାଙ୍କର।

**ଗୁରୁଦେବଙ୍କର ଆନୁଗତ୍ୟରେ ଚାଲିଲେ ସବୁ ସମସ୍ୟାର ସମାଧାନ :**

ତୀକ୍ତ-ଗୃହୀ- ସଦ୍‌ଗୁରୁ ତ୍ୟକ୍ତଗୃହୀ ଶିଷ୍ୟଙ୍କୁ ବ୍ୟବସାୟ କରିବାକୁ କହନ୍ତି ନାହିଁ । ଗୁରୁଦେବ ଶାସ୍ତ୍ର ବିଧି- ଭିକ୍ଷା ଛଡ଼ା ଆଉ କୌଣସି ଉପାୟରେ ଅର୍ଥ ସଂଗ୍ରହ କରାନ୍ତି ନାହିଁ । ତ୍ୟାଗୀ ନିମିତ୍ତ ଭିକ୍ଷାର ଦ୍ୱାର ଉନ୍ମୁକ୍ତ । ସେବା ନିମିତ୍ତ ଯେଉଁ ଅର୍ଥ ଆଣିବେ, ଏହା ଚିନ୍ମୟ । ତ୍ୟାଗୀର ବ୍ୟବସାୟ ବା ଚାକିରୀ ଦରକାର ନାହିଁ ଅବୈଧ ଅଶାସ୍ତ୍ରୀୟ କାର୍ଯ୍ୟରେ ଲଗାଏନା, ଭଗବାନହିଁ ଗୁରୁରୂପେ ଅବତୀର୍ଣ୍ଣ ତାର ଉପଜୀବିକା ଭିକ୍ଷା ।

ସାଧୁ ବର୍ତ୍ମ ପ୍ରଦର୍ଶକ; ସାଧୁ ହେଉଛନ୍ତି ଭକ୍ତ, ଶାସ୍ତ୍ର ଓ ଗୁରୁବାକ୍ୟ । ସତ୍‌ସାଧକ ଓ ଶାସ୍ତ୍ରର ମଧ୍ୟେ ପାର୍ଥକ୍ୟ ଦେଖିଲେ ଗୋଟିଏ ସମାଧାନ ମିଳେ । ଯାର ମଧ୍ୟେ ଆନୁଗତ୍ୟ ନାହିଁ ବା ଆନୁଗତ୍ୟେର ଅଭାବ ଅଛି; ସେ ସମସ୍ତ ଯାର ସମାଧାନ ପାଏନା ଗୁରୁଦେବଙ୍କର ଆନୁଗତ୍ୟ ନାହିଁ ଏ ପରି ଅଶ୍ରଦ୍ଧାଳୁର ସମସ୍ୟାର ଅନ୍ତନାହିଁ । ପ୍ରକଟ ଗୁରୁଦେବଙ୍କର ଆନୁଗତ୍ୟେ ଚଳିଲେ, ସାଧୁ, ଶାସ୍ତ୍ର ଓ ଗୁରୁବାକ୍ୟେ confusion (ଅମେଳ) ହୁଏନା । confusion ହୁଏ; କିମ୍ବା ସମସ୍ୟାର ସମାଧାନ ପାଉନାହିଁ, ତା ହେଲେ ତୁମର ଗୁରୁଦେବଙ୍କଠାରେ ଆନୁଗତ୍ୟ ନାହିଁ । ଗୁରୁଦେବଙ୍କ ଠାରେ ଆନୁଗତ୍ୟ ରହିଲେ ସକଳ ସମସ୍ୟାର ସମାଧାନ ହୋଇଯାଏ । ଗୁରୁ ପଦାଶ୍ରିତ ବ୍ୟକ୍ତି ସକଳ problem (ସମସ୍ୟା) ଏହାର ସମାଧାନ ଦେଖିବାକୁ ପାଏ । ଯେ ଅନାଶ୍ରିତ ପ୍ରକଟ ଗୁରୁଙ୍କ ପ୍ରତି ଯାର ଶ୍ରଦ୍ଧାନାହିଁ, ସେ କୌଣସି Harmoney (ସାମଞ୍ଜସ୍ୟ ବା ମେଳ) ଧରିପାରେନା ଗୁରୁଙ୍କୁ ମାନନା ବୋଲି ଶ୍ରଦ୍ଧାର ଅଭାବବଶତଃ ଏକ୍ୟ ହୁଏନା । ଜୀବର ସ୍ୱତନ୍ତ୍ର ଭାବ ଆସିଯାଏ । ଅନାଶ୍ରିତ ବ୍ୟକ୍ତିର ପ୍ରଳାପ ମାତ୍ର ସାର, ଯେତେ organisation (ସଂଗଠନ) କରିବାକୁ ଶିଖିଥାଉ, ତାର ଗୋଟିଏ ଅନାଶ୍ରିତ ଭାବ ଅଛି । ତୁମେ ବିଚାର-ପ୍ରଧାନ, ତେଣୁ ପ୍ରଣିପାତ ଆସେନା, ଭଲ ଭଲ ବକ୍ତୃତା କରିପାର, ଅଥଚ କୌଣସି ପ୍ରକଟ ଗୁରୁଙ୍କର ଆନୁଗତ୍ୟ ନାହିଁ, ତୁମେ ସାଧୁ ଗଣଙ୍କ ପ୍ରଦର୍ଶିତ ପନ୍ଥା ଅନୁକରଣ କରି ଭାବୁଛ; ଗୁରୁଦେବଙ୍କର ପ୍ରଦର୍ଶିତ ପନ୍ଥାରେ ଚଳୁଛ - ତର୍କକରି ତୁମ ସଙ୍ଗେ କେହି ପାରେନା । ତୁମେ ଅପରକୁ silence (ସ୍ତବ୍ଧ) କରିପାର - ଏଥିରେ ତୁମର ବୈଷ୍ଣବତା ଆସେନା । ଅସଲ କଥା ଏହିଯେ ଶ୍ରୀ ଗୁରୁପାଦପଦ୍ମଙ୍କର ପଥରେ ଚଳି ଭଜନ ପଥରେ ଅଗ୍ରସର ହେବାକୁ ହୁଏ । ଆଚରଣ ହୀନ ଫାଙ୍କା ସାଧୁର କଥାରେ ଚାଲିଲେ, ଜୀବନରେ ଶୂନ୍ୟତା ହିଁ ପାଇବ । ଆଚରଣ ହୀନ ବ୍ୟକ୍ତିର ବକ୍ତୃତା ହୃଦୟକୁ ସ୍ପର୍ଶ କରେନା । ଆଚାରବାନ ବ୍ୟକ୍ତିଶ୍ରଦ୍ଧା ତୋଷଣ କରେ ବୋଲି ତା କଥାର ଦାମ ଅଛି । ଭଜନର secret ଗୋପନୀୟ ରହସ୍ୟ ବା ଗୁରୁଙ୍କ ଆଶ୍ରୟରେ ରହିବା ପ୍ରକଟଗୁରୁଙ୍କ ଆଶ୍ରୟରେ ରହିଲେ ଭଜନରେ ଅଗ୍ରସର ହୋଇଯାଏ । ସତ ସାଧକର ହେଲା ଆଚରଣ; ଆଚରଣ ଉପରେ importance (ଯୋର) ଦିଏ ବୋଲି ହରିକଥା ପ୍ରାଣକୁ ସ୍ପର୍ଶ କରେ, ସଂଜୀବିତ କରେ ।

***

# ଗୌଡ଼ୀୟ ଦର୍ଶନ

*(ପୂର୍ବ ପ୍ରକାଶିତ ଉତ୍ତାରୁ....)*

ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର



## ଗୌଡ଼ୀୟ ଦର୍ଶନରେ 'ସଂକୀର୍ତ୍ତନ' :

ବହୁର୍ଭିର୍ମିଳିତ୍ୱା ଯତ୍‌କୀର୍ତ୍ତନମ୍ ଅର୍ଥାତ୍ - ବହୁଜନ ମିଳିତ ହୋଇ ଭଗବାନଙ୍କ ସୁଖ ନିମନ୍ତେ ସମ୍ୟକ୍ ରୂପେ ଯେ କୀର୍ତ୍ତନ, ଗୁରୁବର୍ଗଙ୍କର ଆଶୟ ବୁଝି, ସେମାନଙ୍କର ଅନୁଗମନେ ଯେଉଁ କୀର୍ତ୍ତନ ସେଇଟି ହିଁ ଗୌଡ଼ୀୟ ମାନଙ୍କର ସଂକୀର୍ତ୍ତନ ।

"ହରେ ନାମ୍ନାଂ ଗୁଣାନାଞ୍ଚ ଗାନଂ କୀର୍ତ୍ତନମୁଚ୍ୟତେ ।
ତଚ୍ଚ ପ୍ରେମରସାମୌଦେଃ କୃତଂ ସଂକୀର୍ତ୍ତନଂ ସ୍ମୃତଃ ।" (ହରିଭକ୍ତି କଳ୍ପଲତିକା)

ଏଇ ଶାସ୍ତ୍ରବାଣୀ ଅନୁସରଣରେ ଗୌଡ଼ୀୟଗଣ ପ୍ରାଣରେ ରସ ମାଖି ଆନନ୍ଦଭରେ ଉଚ୍ଚ କୀର୍ତ୍ତନ କରନ୍ତି ।

## ଗୌଡ଼ୀୟ ଦର୍ଶନରେ 'ବିଧିଭକ୍ତି ଓ ରାଗଭକ୍ତି' :-

ଶାସ୍ତ୍ର ଶାସନ ମାନି ଭଗବାନଙ୍କଠାରେ ରତିଲାଭର ଚେଷ୍ଟାଯୁକ୍ତ ଯେଉଁ ଭକ୍ତି - ତାହା ବିଧିଭକ୍ତି । କୃଷ୍ଣଙ୍କଠାରେ ସ୍ୱାଭାବିକ ଅନୁରାଗଚାଳିତ ହୋଇ ଯେଉଁ ଭକ୍ତି, ତାହା ରାଗ ଭକ୍ତି । ଭକ୍ତିର ତିନୋଟି ପର୍ଯ୍ୟାୟ- ସାଧନଭକ୍ତି, ଭାବଭକ୍ତି ଏବଂ ପ୍ରେମ ଭକ୍ତି । ଅନର୍ଥଗ୍ରସ୍ତ ଅବସ୍ଥାରେ ସାଧନ ଭକ୍ତିକାଳେ ସ୍ୱାଭାବିକ ଅନୁରାଗର ଅଭାବ ଦେଖାଗଲେ ସାଧକ ବିଧି ବା ଶାସ୍ତ୍ର ଶାସନ ମାନି ସାଧନ କରୁ କରୁ ଯେତେବେଳେ ନିଷ୍ଠା, ରୁଚିର ପର୍ଯ୍ୟାୟ ପାର କରି ଆସକ୍ତି ପର୍ଯ୍ୟାୟରେ ପହଞ୍ଚେ, ସେତେବେଳେ ସେ ରାଗ ଭକ୍ତିରେ ପ୍ରବେଶ କରେ ।

'ବିଧି ମାର୍ଗରତ ଜନେ ସ୍ୱାଧୀନତା ରତ୍ନ ଦାନେ
ରାଗମାର୍ଗେ କରାନ ପ୍ରବେଶ।' (ଭକ୍ତି ବିନୋଦ ଗୀତି)

ଗୌଡ଼ୀୟ ସମ୍ପ୍ରଦାୟରେ ପ୍ରଥମତଃ ବିଧି ବା ଶାସ୍ତ୍ର ଶାସନଯୁକ୍ତ ଭଜନ ପ୍ରଣାଳୀ ଦ୍ୱାରା ରୁଚିର ଭୂମିକା ଦାନ କରି ପରେ ରାଗ ଭକ୍ତିର ଉତ୍‌କର୍ଷରେ ଅନୁପ୍ରାଣିତ କରାହୁଏ । ଅର୍ଥାତ୍ ଏଠାରେ ବିଧିର ଆକାରଯୁକ୍ତ ରାଗାନୁଗା ଭକ୍ତିର ଅନୁଶୀଳନ କରାହୁଏ ।

## ଗୌଡ଼ୀୟମାନଙ୍କର ପ୍ରଚାର ବୈଶିଷ୍ଟ୍ୟ :

ନିରାଗ ବକ୍ତାର ଭୂମିକାରେ ଅନୁଭୂତ ସତ୍ୟ କଥା କହିବା ଏବଂ ଶ୍ରୋତାର ମନୋରଂଜନର ଚିନ୍ତା ନ କରି ନିରପେକ୍ଷ ଭାବେ କୀର୍ତ୍ତନ କରିବାର ନାମ ପ୍ରଚାର । "ଆଚାର ଢାଲ, ପ୍ରଚାର ତରବାରୀ" - ଶ୍ରୀଲ ଆଚାର୍ଯ୍ୟ ଦେବଙ୍କ ଏଇ ବାଣୀ ଅନୁସରଣରେ ଗୌଡ଼ୀୟ ମାନଙ୍କର ପ୍ରଚାର । ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦଙ୍କ ଭାଷାରେ - "ଗୋପୀଗଣଙ୍କ ଜୀବନାଦର୍ଶ ସ୍ୱତଃ ହିଁ ପ୍ରଚାର୍ଯ୍ୟ ବିଷୟ ହୋଇଥିଲା । ସେମାନେ କୃଷ୍ଣପ୍ରୀତି ସମ୍ବନ୍ଧରେ କେତେବେଳ ହେଲେ ପ୍ରଚାର କରି ବୁଲୁ ନ ଥିଲେ ।

**ଗୌଡ଼ୀୟ ଦର୍ଶନରେ କର୍ମ ଓ ଲୀଳାର ପାର୍ଥକ୍ୟ :**

କର୍ମ ଓ ଲୀଳାରେ ଆକାଶ ପାତାଳ ଭେଦ ଅଛି । କର୍ମ-ବହିର୍ମୁଖ, ଜଡ଼େନ୍ଦ୍ରିୟ ଗ୍ରାହ୍ୟ ଲୀଳା - ସେବନ୍ମୋମୁଖ ଚିଦିନ୍ଦ୍ରିୟ ଗ୍ରାହ୍ୟ । ଇନ୍ଦ୍ରିୟଜ ଜ୍ଞାନ ଦ୍ୱାରା କର୍ମକୁ ଭୋଗ୍ୟ ଜଡ଼ ଭଳି ବୁଝି ନିଆଯାଇପାରେ, କିନ୍ତୁ ଲୀଳା ଏପରି କୌଣସି କାର୍ଯ୍ୟ ନୁହେଁ । ଭଗବାନଙ୍କର ଜନ୍ମ, କର୍ମାଦି ଅପ୍ରାକୃତ । ସେଥିରେ ମାୟିକ ଭାବ ଶୂନ୍ୟ ବୋଲି ସେଇଟି ଲୀଳା । "ଜନ୍ମ କର୍ମ ଚ ମେ ଦିବ୍ୟଂ ଯୋ ମାଂ ବେତ୍ତି ତତ୍ୱତଃ" - ଗୀତା ବାକ୍ୟରେ ତାହା ପ୍ରମାଣିତ ହୁଏ ।

କିନ୍ତୁ ବଦ୍ଧାବସ୍ଥାରେ ଜୀବର ଜୀବନଧାରଣ ନିମନ୍ତେ ପ୍ରୟୋଜନୀୟ ପ୍ରାକୃତ କ୍ରିୟାଦି ସମସ୍ତ ହିଁ କର୍ମ । କର୍ମର ଭୂମିକା - 'ଜଡ଼ଜଗତ୍', ଆଧାର - ସ୍ଥୁଳ - ସୂକ୍ଷ୍ମ ଉପାଧି, ଏବଂ ଲୀଳାର ଭୂମିକା - ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଉପରେ ଚିନ୍ମୟଲୋକ ଏବଂ ଆଧାର ସେବୋନ୍ମୁଖ ଚିଦିନ୍ଦ୍ରିୟ । କର୍ମ ଅନିତ୍ୟ, ଲୀଳା ନିତ୍ୟ । କର୍ମ ଅସ୍ୱତନ୍ତ୍ର ଜୀବର ତ୍ରିତାପଭୋଗ ବା ଦଣ୍ଡ, ଲୀଳା ସର୍ବତନ୍ତ୍ର ସ୍ୱତନ୍ତ୍ର ସ୍ୱରାଟ ପୁରୁଷୋତ୍ତମଙ୍କର ନିରଙ୍କୁଶ କ୍ରୀଡ଼ା ।

**ଗୌଡ଼ୀୟ ଦର୍ଶନରେ 'ଦର୍ଶନ' ଶବ୍ଦର ଅର୍ଥ :**

ଗୌଡ଼ୀୟ ଦର୍ଶନରେ 'ଦର୍ଶନ' ଶବ୍ଦର ଅର୍ଥ ସମ୍ଭୋଗ ନୁହେଁ । ତାହା ସେବା ଦ୍ୟୋତକ ସେବାର ପ୍ରଗାଢ଼ତାରେ ଯେଉଁ ସବୁ ଚେତନ ବୃତ୍ତି (ଇନ୍ଦ୍ରିୟବୃତ୍ତି) ସର୍ବାଙ୍ଗୀନ ଭାବେ ଚକ୍ଷୁସ୍ନାନ ହୋଇଥାଏ, ସେଇ ସେବା ବୃତ୍ତି ଦ୍ୱାରା ଦର୍ଶନ ହିଁ - ଗୌଡ଼ୀୟ ଦର୍ଶନ । ଦର୍ଶନଟି ମଧ୍ୟ ଗୋଟିଏ ଭକ୍ତିର ଅଙ୍ଗ - ଶ୍ରୀଳ ଗୁରୁ ମହାରାଜଙ୍କ ବାଣୀରେ ଆମ୍ଭେ ତାହା ପାଉଁ । ଦର୍ଶନର ପାଞ୍ଚ ପ୍ରକାର ଭେଦ ଶାସ୍ତ୍ରରେ ଦେଖା ହୋଇଛି । ଯଥା - ଅର୍ଚ୍ଚା, ଅନ୍ତର୍ଯ୍ୟାମୀ, ବୈଭବ, ବ୍ୟୂହ ଓ ପରଦର୍ଶନ।

* କ୍ରମଶଃ*

---

# ସ୍ୱ-ଧାମଗମନ - ସମ୍ବାଦ

୧ - ଶ୍ରୀ ପରମହଂସ ଭକ୍ତି କେବଳ ଔଡୁଲୋମୀ ଗୁରୁ ମହାରାଜା ଶ୍ରୀ ହରିନାମ ପ୍ରାପ୍ତ ଖୋର୍ଦ୍ଧାର ଧନେଶ୍ୱର ସାହୁ (ସୀତା ସାହୁଙ୍କ ସ୍ୱାମୀ) ତା. ୨୪.୧୦.୨୦୨୦ ମଧ୍ୟାହ୍ନ ସମୟରେ ଦେହରକ୍ଷା କରିଛନ୍ତି । ବୈଷ୍ଣବ ହୋମ ଓ ସଂକୀର୍ତ୍ତନ ମଧ୍ୟରେ ତାଙ୍କ ବିରହତିଥି ପାଳିତ ହୋଇଯାଇଛି ।

୨ - ନିକଟରେ ସ୍ୱାଧାମପ୍ରାପ୍ତ ଶ୍ରୀ ବନବିହାରୀ ବୈଦ୍ୟନାଥ ସାମନ୍ତରାଙ୍କ ସହଧର୍ମିଣୀ ଶ୍ରୀ ଶ୍ରୀମଦ୍ ଭାଗବତ ଆର୍ଚାର୍ଯ୍ୟପାଦଙ୍କ ଅନୁକଂପିତ ରାଧାଦାସୀ (ରେବାରାଣୀ ସାମନ୍ତରାୟ) କୁମାର ପୂର୍ଣ୍ଣମୀ ତା.୩୧.୧୦.୨୦୨୦ରିଖ ସନ୍ଧ୍ୟାରେ ଅପ୍ରକଟ ହୋଇଯାଇଛନ୍ତି ସେ କିଛିଦିନ ହେବ ଅସୁସ୍ଥ ଥିଲେ ।

**ଜାହ୍ନବୀ ଜୀବନ ଦାସ**
**ସଂବାଦ ପ୍ରେରକ**

# ମର୍ଯ୍ୟାଦା ପୁରୁଷୋତ୍ତମ

**ସଦାଶିବ ପଣ୍ଡା**

ଦ୍ୱାପର ଯୁଗରେ କୃଷ୍ଣ ଭଗବାନ
କରିଥିଲେ ଅବତାର
ନାମଟି ତାଙ୍କର କୃଷ୍ଣ ହୋଇଥିଲା
ଅଲୌକିକ ଲୀଳାଧର ।୧।

ଲୀଳା କରିବାରୁ ଭକ୍ତ ନାମ ଦେଲେ
ଲୀଳାର ପୁରୁଷୋତ୍ତମ
ଲୀଳାଟି ତାଙ୍କର ସର୍ବାଙ୍ଗ ସୁନ୍ଦର
ଦେଖିବାକୁ ଅନୁପମ ।୨।

ତ୍ରେତୟା ଯୁଗରେ ରାମ ଅବତାରେ
ହୋଇଣ କୌଶଲ୍ୟା ସୁତ
ଲୀଳା ସୃଷ୍ଟିକରି ଜନ ତନମନ
କରିଥିଲେ ପୁଲକିତ ।୩।

ସମସ୍ତ ଲୀଳାରେ ମର୍ଯ୍ୟାଦା ଲଙ୍ଘନ
ନକରି ଥିବାରୁ ରାମ
ଭକ୍ତମାନେ ତାଙ୍କ ନାମ ଦେଇଥିଲେ
ମର୍ଯ୍ୟାଦା ପୁରୁଷୋତ୍ତମ ।୪।

ବାଲ୍ୟ କ୍ରୀଡା ବେଳେ ପିତା ମାତା କଥା
ଅବଜ୍ଞା କରନ୍ତି ନାହିଁ
ଯାହା ଦେଲେ ତାହା ଆନନ୍ଦେ ଭୁଞ୍ଜନ୍ତି
ଅଖିଳ ବ୍ରହ୍ମାଣ୍ଡ ସାଇଁ ।୫।

ଯେଉଁ କଥାଟିକୁ ନ କରିବାପାଇଁ
ପିତା କରନ୍ତି ବାରଣ
କେବେହେଲେ ତାହା କରି ନ ଥାଆନ୍ତି
ଶ୍ରୀରାମ ଦୀନତାରଣ ।୬।

ଗୁରୁଙ୍କ ଗୃହରେ ବିଦ୍ୟା ଶିକ୍ଷାବେଳେ
ଆଶ୍ରମରେ କରି ବାସ
ଗୁରୁଙ୍କ ଆଜ୍ଞାରେ ସର୍ବ କରିଥାନ୍ତି
ନ ଜନ୍ମଇ ହୃଦେ ତ୍ରାସ ।୭।

ପ୍ରାତଃ ସ୍ନାନ କରି ଗୁରୁ ଜନ ପଦେ
ସର୍ବଦା କରନି ନତି
ରାଜ ମହଲର ସମସ୍ତଙ୍କ ପ୍ରତି
ରହିଥାଏ ତାଙ୍କ ପ୍ରୀତି ।୮।

ପିତୃସତ୍ୟ ପାଳି ବନବାସ ଗଲେ
ପିତାଙ୍କୁ ଦେଇ ସମ୍ମାନ
କହିଲେ ଆମର ରଘୁବଂଶ ନୀତି
ରକ୍ଷା କରିବୁ ବଚନ ।୯।

ଚାଲି ଯାଉପଛେ ପ୍ରାଣ କିନ୍ତୁ ଆମ
ନୀତିକୁ ଛାଡିବୁ ନାହିଁ
ଏହା କହି ପ୍ରଭୁ ବଣକୁ ଚାଲିଲେ
ଅନୁଜ ଜାୟାଙ୍କୁ ନେଇ।୧୦।

ରାଜକୀୟ ଧର୍ମ ରାଜକୀୟ ବେଶ
ସବୁ ବିସର୍ଜନ କରି

ବଣରେ ରହିଲେ କୁଟୀର ଭିତରେ
ହୋଇ ଫଳମୂଳା ହାରୀ ।୧୧।

ପଞ୍ଚବଟୀ ବନୁ ସୀତାଙ୍କୁ ହରଣ
କରିନେଲା ଦଶାନନ
ଲୌକିକ ରୀତିରେ ଖୋଜିଲେ ତାହାଙ୍କୁ
ବିକଳେ କରି କ୍ରନ୍ଦନ ।୧୨।

ସର୍ବଜ୍ଞାତ ହୋଇ ଲୀଳା କରିଥାନ୍ତି
ସାମାନ୍ୟ ମାନବ ପରି
ଲୌକିକ ଲୀଳାକୁ ଦେଖାଇବା ପାଇଁ
ଆସି ଥିଲେ ଅବତରି ।୧୩।

ସୁଗ୍ରୀବଙ୍କ ସହ ମିତ୍ରତା କରିଲେ
ହୋଇ ମର୍ଯ୍ୟାଦା ଆବଦ୍ଧ
ଚାହିଁଥିଲେ ନିଜେ ଏକାକି ରାବଣ
କରି ପାରିଥାନ୍ତେ ବଧ ।୧୪।

ଲୌକିକ ରୀତିରେ ସୀତା ଠାବ ପାଇଁ
ପଠାଇଲେ ହନୁମାନ
ସର୍ବ ଜ୍ଞାତା ପ୍ରଭୁ ସର୍ବସ୍ଥାନେ ସ୍ଥିତି
ହୋଇଲେବି ଶକ୍ତିମାନ ।୧୫।

ବାଳିର ପୁତ୍ରକୁ ଚିଟାଉ ଦେଇଣ
ପଠାଇଲେ ରଘୁପତି
କହିଲେ କହିବୁ ସୀତାଙ୍କୁ ନ ଦେଲେ
ଭଲ ନାହିଁ ତାର ଗତି ।୧୬।

ବୀର ଲକ୍ଷ୍ମଣଙ୍କ ଶକ୍ତି ଭେଦ ଦେଖି
କାନ୍ଦି ଗଡ଼ିଗଲେ ତଳେ
ଚାହିଁଥିଲେ ତାହା ଟାଳି ପାରିଥାନ୍ତେ
ଅସୀମ ଶକ୍ତିର ବଳେ ।୧୭।

ବାରବର୍ଷ କାଳ ଅଶୋକ ବନରେ
ରହିଥିଲେ ସତୀ ସୀତା
ତାହାଙ୍କ ଉଦ୍ଧାର କରି ରାମଚନ୍ଦ୍ର
କରିଲେ ଅଗ୍ନି ପରୀକ୍ଷା ।୧୮।

ପତ୍ନୀ ସୀତା ସତୀ ସ୍ୱାଧ୍ୱୀ ଜଗନ୍ମାତା
ଜାଣିବି ପ୍ରଭୁ ଶ୍ରୀରାମ
ମର୍ଯ୍ୟାଦା ଦୃଷ୍ଟିରେ ପରୀକ୍ଷା କରିଲେ
ଦେଖାଇ ଲୌକିକ କାମ ।୧୯।

ଚଉଦ ବରଷ କଟିଗଲା ରାମ
ଅଯୋଧ୍ୟାରେ ହେଲେ ରାଜା
ତଥାପି ମର୍ଯ୍ୟାଦା ଲଂଘନ ନକରି
ଖୁସି କଲେ ତାଙ୍କ ପ୍ରଜା ।୨୦।

ଧୋବାଧୋବଣୀଙ୍କ କଳିରୁ ସୀତାଙ୍କୁ
ପଠାଇଲେ ବନବାସ
ସବୁବେଳେ ଦୃଷ୍ଟି ମର୍ଯ୍ୟାଦା ଉପରେ
ଲୌକିକ ଲୀଳା ଆଭାସ ।୨୧।

ଯୁଗ ଅନୁସାରେ ଲୀଳା କରିଥାନ୍ତି
ଭଗବାନ ପ୍ରଭୁ ହରି
ତାଙ୍କ ଲୀଳା ଏକା ସେହି ବୁଝିପାରେ
ଯେ ପାଇପାରେ କୃପାବାରି ।୨୨।

ତ୍ରେତୟାରେ ଇନ୍ଦ୍ରପୁତ୍ର ବଧ କଲେ
ରଖିଲେ ଭାନୁ ତନୁଜ
ଦ୍ୱାରପ ଯୁଗରେ ଓଲଟା କରିଲେ
ତାଙ୍କ କଥା ଟିକେ ହେଜ ।୨୩।

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

## (୨୧) ବୈଷ୍ଣବଚିହ୍ନ ଧାରଣ

ଗଳାରେ ତ୍ରିକଣ୍ଠୀ ତୁଳସୀମାଳା ଧାରଣ ଓ ଶରୀରର ଦ୍ୱାଦଶ-ଅଙ୍ଗରେ ଦ୍ୱାଦଶ-ତିଳକ ଧାରଣର ନାମ ବୈଷ୍ଣବଚିହ୍ନ ଧାରଣ। ସାଧକ ଏଇ ବୈଷ୍ଣବ ଚିହ୍ନକୁ ଅବଶ୍ୟ ଧାରଣ କରିବେ ଗଳାରେ ତ୍ରିକଣ୍ଠୀ ତୁଳସୀମାଳା-ଧାରଣ କରିବାର ବିଧି 'ଶ୍ରୀହରିଭକ୍ତିବିଳାସ'ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ତୁଳସୀମାଳା-ଧାରଣ ବିନା ଭଗବଦ୍-ଅର୍ଚ୍ଚନ ଭଗବଦ୍-ଉପାସନା ଆଦି ଶୁଭ ଅନୁଷ୍ଠାନମାନ ନିଷ୍ଫଳ ହୁଏ ତୁଳସୀମାଳା ବ୍ୟତିରେକେ ପଦ୍ମବୀଜ, ରୁଦ୍ରାକ୍ଷ, ଅଁଳା ଆଦିର ମାଳା ଧାରଣ କରିବାର ବିଧି ମଧ୍ୟ ଶାସ୍ତ୍ରରେ ଦେଖାଯାଇଥାଏ। ତଥାପି ବୈଷ୍ଣବମାନଙ୍କ ପକ୍ଷେ ତୁଳସୀମାଳା ଧାରଣ କରିବା ସର୍ବୋତ୍ତମ ଅଟେ। ତୁଳସୀ ପରମ-ପବିତ୍ର ଏବଂ ଭଗବାନଙ୍କୁ ଅତ୍ୟନ୍ତ ପ୍ରିୟ । ତେଣୁ ତୁଳସୀମାଳା ଧାରଣ କଲେ ଶରୀର, ମନ, ବଚନ ଓ ଆତ୍ମା ସବୁକିଛି ପବିତ୍ର ହୋଇଯାଏ ଏବଂ ସ୍ୱାଭାବିକ ରୂପେ ଭକ୍ତିରେ ପ୍ରବୃତ୍ତି ହୁଏ।

ଶାସ୍ତ୍ରରେ ଉର୍ଦ୍ଧ୍ୱପୁଣ୍ଡ୍ର ଓ ତ୍ରିପୁଣ୍ଡ୍ର ଏହି ଦୁଇପ୍ରକାର ତିଳକ ଧାରଣର ବିଧ ଦେଖାଯାଏ। ବୈଷ୍ଣବ ଏବଂ ଶ୍ରଦ୍ଧାଳୁ ବ୍ରାହ୍ମଣ ଉର୍ଦ୍ଧ୍ୱପୁଣ୍ଡ୍ର ଧାରଣ କରିବା ଉଚିତ। ଉର୍ଦ୍ଧ୍ୱପୁଣ୍ଡ୍ର ତିଳକକୁ ହରିମନ୍ଦିର କୁହାଯାଏ। ଏଥିରେ ଭଗବାନଙ୍କ ନିବାସ ହୁଏ। ଦ୍ୱାଦଶ ଅଙ୍ଗରେ ଉର୍ଦ୍ଧ୍ୱପୁଣ୍ଡ୍ର ଧାରଣ କରି ହିଁ ସନ୍ଧ୍ୟା-ଆହ୍ନିକ, ଅର୍ଚ୍ଚନ-ପୂଜନ, ସେବା-ପରିଚର୍ଯ୍ୟା ଆଦି କରିବା ବିଧେୟ । 'ପଦ୍ମପୁରାଣ' ଅନୁସାରେ ଏ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ ନଥିବା ମାନବକୁ ଦେଖିବା ଅନୁଚିତ। ତାହା ଶ୍ମଶାନତୁଲ୍ୟ। ଗୋପୀଚନ୍ଦନ, ଶ୍ରୀବୃନ୍ଦାବନରଜ, ରାଧାକୁଣ୍ଡରଜ, ତୁଳସୀମୂଳର ମୃତ୍ତିକା ଆଦି ଦ୍ୱାରା ଉର୍ଦ୍ଧ୍ୱପୁଣ୍ଡ୍ର ତିଳକ କରିବାର ବିଧି ଶାସ୍ତ୍ରରେ ଦେଖାଯାଏ। ତଥାପି ଦ୍ୱାରକାରେ ଉତ୍ପନ୍ନ ଗୋପୀଚନ୍ଦନ ଦ୍ୱାରା ଉର୍ଦ୍ଧ୍ୱପୁଣ୍ଡ୍ର ଧାରଣ କରିବାର ମାହାତ୍ମ୍ୟ ଅଧିକ ବୋଲି ଶାସ୍ତ୍ରରେ ଦେଖାଯାଏ। ତାହା ଦ୍ୱାରା ମନୁଷ୍ୟ ନିଜର ସମସ୍ତ ଶୁଭକର୍ମର ଅକ୍ଷୟ ଫଳ ପାଏ। ତାହାଦ୍ୱାରା ଭଗବାନ ପ୍ରସନ୍ନ ହୁଅନ୍ତି ଏବଂ ଭଗବତ ଭକ୍ତି ମିଳେ।

ଏ ସମ୍ବନ୍ଧରେ 'ହରିଭକ୍ତିବିଳାସ' ରେ କୁହାଯାଇଛି ଯେ-

ଯୋ ମୃତ୍ତିକାଂ ଦ୍ୱାରବତୀସମୁଦ୍ଭବାଂ କରେ ସମାଦାୟ ଲଲାଟପଟ୍ଟକେ ।
କରୋତି ନିତ୍ୟଂ ତ୍ୱଥ ଚୋର୍ଦ୍ଧ୍ୱପୁଣ୍ଡ୍ରଂ କ୍ରିୟାଫଳଂ କୋଟିଗୁଣଂ ସଦା ଭବେତ ।
କ୍ରିୟାବିହୀନଂ ଯଦି ମନ୍ତ୍ରହୀନଂ ଶ୍ରଦ୍ଧାବିହୀନଂ ଯଦି କାଳବର୍ଜିତମ
କୃତ୍ୱା ଲଲାଟେ ଯଦି ଗୋପୀଚନ୍ଦନଂ ପ୍ରାପ୍ନୋତି ତତ୍କର୍ମଫଳଂ ସଦାକ୍ଷୟମ

(ହରିଭକ୍ତିବିଳାସ, ୪/୨୩୨, ୨୩୩ ଧୃତ, ଗରୁଡ଼ପୁରାଣ ବଚନ)

ଅର୍ଥାତ୍ ଯେଉଁ ଲୋକ ଦ୍ୱାରକାରେ ଉତ୍ପନ୍ନ ଗୋପୀଚନ୍ଦନକୁ ଲଲାଟରେ ଉର୍ଦ୍ଧ୍ୱପୁଣ୍ଡ୍ର ତିଳକରୂପେ ଧାରଣକରେ, ତାହାର ସମସ୍ତ କାର୍ଯ୍ୟର ଫଳ କୋଟି କୋଟି ଗୁଣେ ଅଧିକ ବଢିଯାଏ। ଯଦି ସେହି କର୍ମ ଉପଯୁକ୍ତ କ୍ରିୟାରହିତ,

ମନ୍ତ୍ରଶୂନ୍ୟ ଅଥବା ଶ୍ରଦ୍ଧାରହିତ ଅଥବା କାଳ-ବର୍ହିଭୂତ ହୋଇଥାଏ, ତଥାପି ଲଲାଟରେ ଗୋପୀଚନ୍ଦନ ଧାରଣ କରିଥିବା ହେତୁ ତାହା ଅକ୍ଷୟ ଫଳ ଦିଏ।

(୨୨) ହରିନାମାକ୍ଷର ଧାରଣ

ହରେ କୃଷ୍ଣ ଆଦି ନାମ ଅଥବା ପଞ୍ଚତତ୍ତ୍ୱଙ୍କ ନାମ ଆଦି ଗୋପୀଚନ୍ଦନଦ୍ୱାରା ନିଜର ଶ୍ରେଷ୍ଠ ଅଙ୍ଗରେ ଧାରଣ କରିବାକୁ ହରିନାମାକ୍ଷର ଧାରଣ କୁହାଯାଏ ।

( ୨୩) ର୍ନିମାଲ୍ୟଧାରଣ

ଭଗବଦ୍‌ଅର୍ପିତ ବସ୍ତ୍ର, ମାଳା, ଚନ୍ଦନ, ଗନ୍ଧ, ଅଳଙ୍କାର, ଆଦି ବସ୍ତୁମାନ ଗ୍ରହଣ କରିବା ହିଁ ର୍ନିମାଲ୍ୟଧାରଣ ଅଟେ। ଏହାଦ୍ୱାରା ଅତିସହଜରେ ମାୟାର ଉପରେ ବିଜୟପ୍ରାପ୍ତି ଓ ଭଗବଦ୍-ଭକ୍ତିମାର୍ଗରେ ପ୍ରବେଶ ହୋଇଥାଏ । ଶ୍ରୀମଦ୍‌ଭାଗବତ (୧୧/୬/୪୬)ରେ ଉଦ୍ଧବଙ୍କ ଉକ୍ତି -

ତ୍ୱୟୋପଭୁକ୍ତସ୍ରଗ୍ଗନ୍ଧ- ବାସୋଽଲଙ୍କାର- ଚର୍ଚ୍ଚିତାଃ ।
ଉଚ୍ଛିଷ୍ଟଭୋଜିନୋ ଦାସାସ୍ତବ ମାୟାଂ ଜୟେମହି ।।

ଅର୍ଥାତ୍ ହେ ଭଗବନ ! ଆପଣ ଧାରଣ କରିଥିବା ମାଳା, ଚନ୍ଦନ, ଲୁଗା ଓ ଅଳଙ୍କାର ଉଲାଗି ହେଲା ପରେ ସେଥିରେ ନିଜକୁ ସଜେଇଥିବା ଆମ୍ଭେ ଆପଣଙ୍କ ଉଚ୍ଛିଷ୍ଟଭୋଜୀ ଦାସ ଅଟୁଁ। ତେଣୁ ଆମ୍ଭେ ନିଶ୍ଚୟ ଆପଣଙ୍କ ମାୟା ଉପରେ ବିଜୟ ପାଇବୁ। ଏଥିରୁ ସ୍ୱଷ୍ଟ ପ୍ରମାଣିତ ହେଉଛି ଯେ ଭଗବତ୍-ପ୍ରସାଦୀ ବସ୍ତୁମାନଙ୍କୁ ଧାରଣ କରିବା ଦ୍ୱାରା ମାୟାର ଡର ରହେ ନାହିଁ। ଏଣୁ ସାଧକମାନଙ୍କ ପକ୍ଷେ ଭଗବତ୍ ନିର୍ମାଲ୍ୟ ଧାରଣ ଏକାନ୍ତ କର୍ତ୍ତବ୍ୟ।

(୨୪) ଭଗବାନଙ୍କ ସମ୍ମୁଖରେ ନୃତ୍ୟ

ସାଧକମାନଙ୍କୁ ଭଗବଦ୍‌ବିଗ୍ରହଙ୍କ ସମ୍ମୁଖରେ ଭକ୍ତିଭାବେ ନୃତ୍ୟକରିବା ଆବଶ୍ୟକ। 'ଶ୍ରୀଭକ୍ତିରସାମୃତସିନ୍ଧୁ' (୧/୨/୧୨୭) ରେ ଦ୍ୱାରକା ମାହାତ୍ମ୍ୟ ବିଷୟରେ ଏପରି କୁହାଯାଇଛି -

ଯୋ ନୃତ୍ୟତି ପ୍ରହୃଷ୍ଟାତ୍ମା ଭାବୈର୍ବହୁଷୁ ଭକ୍ତିତଃ
ସ ନିର୍ଦ୍ଦହତି ପାପାନି ମନ୍ୱନ୍ତରଶତେଷ୍ୱପି ।

ଏହାର ତାତ୍ପର୍ଯ୍ୟ ହେଉଛି ଯେଉଁ ବ୍ୟକ୍ତି ଆନନ୍ଦମନରେ ବହୁପ୍ରକାରେ ଭକ୍ତିଭାବରେ ଭଗବାନଙ୍କ ସମ୍ମୁଖରେ ନୃତ୍ୟକରେ, ସେ ବ୍ୟକ୍ତି ଶତ ଶତ ମନ୍ତ୍ରରେ ଉତ୍ପନ୍ନ ହୋଇଥିବା ତାର ସମସ୍ତ ପାପରାଶିକୁ ଧ୍ୱଂସ କରିଦିଏ।

(୨୫) ଦଣ୍ଡବତ ପ୍ରଣାମ

ଶ୍ରୀଭଗବଦ ବିଗ୍ରହଙ୍କୁ ବାମ ଭାଗରେ ରଖି ଦଣ୍ଡବତ ପ୍ରଣାମ କରିବା ଉଚିତ ଗୁରୁଦେବଙ୍କୁ ସମ୍ମୁଖ ଭାଗରେ ରଖି ଦଣ୍ଡବତ ପ୍ରଣାମ କରିବାକୁ ହୁଏ। ଦଣ୍ଡବତ ପ୍ରଣାମ ଶବ୍ଦର ତାତ୍ପର୍ଯ୍ୟ ହେଉଛି ଦଣ୍ଡ କହିଲେ ଏକ ବାଡି, ବାଡି ଖଣ୍ଡିକ

ତଳେ ଥୋଇ ଦେଲେ ତାହା ଯେପରି ଲମ୍ବ ହୋଇ ପଡିରହେ, ସେହିଭଳି ତଳେ ଲମ୍ବ ହୋଇ ଶୋଇ ହସ୍ତଦୁଇଟିକୁ ଲମ୍ବମାନ କରି ସାଷ୍ଟାଙ୍ଗ ପ୍ରଣାମ କରିବାକୁ ଦଣ୍ଡବତ ପ୍ରଣାମ କହନ୍ତି ଅଷ୍ଟ ଅଙ୍ଗ ସହ ଦଣ୍ଡବତ ପ୍ରଣାମକୁ ସାଷ୍ଟାଙ୍ଗପ୍ରଣାମ କୁହାଯାଏ; ସେଥିରେ ୧-ଦୁଇହାତ, ୨-ଦୁଇପାଦ, ୩-ଦୁଇଆଣ୍ଠୁ, ୪-ବକ୍ଷସ୍ଥଳ, ୫-ମସ୍ତକ, ୬-ଦୃଷ୍ଟି, ୭-ମନ ଓ ୮- ବାକ୍ୟ- ଏହି ଆଠୋଟି ଅଙ୍ଗଦ୍ୱାରା ପ୍ରଣାମ ହୋଇଥାଏ ପଞ୍ଚାଙ୍ଗପ୍ରଣାମର ବିଧି ମଧ୍ୟ ଅଛି, ଯଥା- ଦୁଇ ଆଣ୍ଠୁ, ଦୁଇ ବାହୁ, ମସ୍ତକ, ବାକ୍ୟ ଓ ବୁଦ୍ଧି ଏହା ଦ୍ୱାରା ପ୍ରଣାମକୁ ପଞ୍ଚାଙ୍ଗ ପ୍ରଣାମ କୁହାଯାଏ।

ଶ୍ରୀନାରଦୀୟପୁରାଣ' ରେ ଭଗବଦ୍- ପ୍ରଣାମର ମାହାତ୍ମ୍ୟ ଏହିପରି ବର୍ଣ୍ଣନା କରାଯାଇଛି -

ଏକୋଽପି କୃଷ୍ଣାୟ କୃତଃ ପ୍ରଣାମୋ ଦଶାଶ୍ୱମେଧାବଭୃଥୈର୍ନ ତୁଲ୍ୟଃ
ଦଶାଶ୍ୱମେଧୀ ପୁନରେତି ଜନ୍ମ କୃଷ୍ଣପ୍ରଣାମୀ ନ ପୁନର୍ଭବାୟ। (ଭ. ର. ସି. ୧/୨/୧୨୯)

ଶ୍ରୀକୃଷ୍ଣଙ୍କୁ ଥରେମାତ୍ର ପ୍ରଣାମ କଲେ ଏତେ ଅଧିକ ଫଳ ମିଳେ ଯେ, ତାହା ସହିତ ଦଶଟି ଅଶ୍ୱମେଧ ଯଜ୍ଞର ଫଳ ସମାନ ହୋଇ ପାରେ ନାହିଁ; ଯେହେତୁ ଦଶାଶ୍ୱମେଧ ଯଜ୍ଞକର୍ତାର ପୁଣି ଜନ୍ମ ହୋଇଥାଏ; କିନ୍ତୁ ଥରେ ମାତ୍ର କୃଷ୍ଣଙ୍କୁ ପ୍ରଣାମ କରିଥିବା ବ୍ୟକ୍ତିର ପୁନର୍ଜନ୍ମ ନାହିଁ।

(୨୬) ଅଭ୍ୟୁତ୍ଥାନ

ଯାତ୍ରା-ମହୋତ୍ସବ ଆଦି ବେଳେ ଶ୍ରୀବିଗ୍ରହଙ୍କୁ ବିମାନରେ, ରଥରେ, ପାଲିଙ୍କି ଆଦିରେ ବିଜେ କରି ଯାଉଥିବାର ଦେଖି, ଶ୍ରୀଗୁରୁଦେବଙ୍କୁ ଅଥବା ବୈଷ୍ଣବଙ୍କୁ ଆସୁଥିବାର ଦେଖି ଆଦରପୂର୍ବକ ଉଠି ଛିଡ଼ାହୋଇ ଅଭିବାଦନ କରିବାକୁ ଅଭ୍ୟୁତ୍‌ଥାନ କୁହାଯାଏ। ଏହାଦ୍ୱାରା ଭଗବାନ ପ୍ରସନ୍ନ ହୁଅନ୍ତି ଏବଂ ଭକ୍ତି ବୃଦ୍ଧି ହୁଏ ବ୍ରହ୍ମାଣ୍ଡପୁରାଣରେ କୁହାଯାଇଛି।

ଯାନାରୂଢଂ ପୁରଃ ପ୍ରେକ୍ଷ୍ୟ ସମାୟାନ୍ତଂ ଜନାର୍ଦ୍ଦନମ
ଅଭ୍ୟୁତ୍ଥାନଂ ନରଃ କୁର୍ବନ ପାତୟେତ ସର୍ବକିଲ୍ବିଷମ। (ଭ. ର. ସି. ୧/୨/୧୩୦)

ଅର୍ଥାତ ରଥ ବା ପାଲିଙ୍କି ବା ବିମାନ ଆଦି ଉପରେ ଆରୂଢ଼ ହୋଇ ଭଗବାନଙ୍କୁ ଆସୁଥିବାର ଦେଖି ଯେଉଁ ବ୍ୟକ୍ତି ଅଭ୍ୟୁତ୍ଥାନ କରନ୍ତି, ତାହାଙ୍କ ସମସ୍ତ ପାପ ଦୂର ହୋଇଯାଏ ।

(୨୭) ଅନୁବ୍ରଜ୍ୟା

ଶ୍ରୀଭଗବାନଙ୍କ ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରା ଆଦି ସମୟରେ ଏବଂ ନଗରଭ୍ରମଣ ଆଦି ବେଳେ ତାହାଙ୍କ ପଛେ ପଛେ, ପାର୍ଶ୍ୱରେ ବା ଆଗରେ ଶ୍ରଦ୍ଧାପୂର୍ବକ ଚାଲିବାକୁ ଅନୁବ୍ରଜ୍ୟା କହନ୍ତି ସେହିଭଳି ଗୁରୁ ତଥା ବୈଷ୍ଣବଙ୍କ ଗମନାଗମନ ସମୟରେ ତାଙ୍କ ପଛରେ ଚାଲିବାକୁ ମଧ୍ୟ ଅନୁବ୍ରଜ୍ୟା କୁହାଯାଏ । ଏ ବିଷୟରେ କୁହାଯାଇଛି ଯେ-

ରଥେନ ସହ ଗଚ୍ଛନ୍ତି ପାର୍ଶ୍ୱତଃ ପୃଷ୍ଠତୋଽଗ୍ରତଃ।
ବିଷ୍ଣୁନୈବ ସମାଃ ସର୍ବେ ଭବନ୍ତି ଶ୍ୱପଦାଚୟଃ ।। (ଭ. ର. ସି. ୧/୨/୧୩୧)

ଅର୍ଥାତ୍ ଯଦି ଚଣ୍ଡାଳ ମଧ୍ୟ ଭଗବାନଙ୍କ ରଥ ଆଦିର ପଛରେ, ଆଗରେ ବା ପାର୍ଶ୍ୱଭାଗରେ ରହନ୍ତି, ତେବେ ସେମାନେ ମଧ୍ୟ ବିଷ୍ଣୁଙ୍କ ସମାନ ପୂଜ୍ୟ ହୁଅନ୍ତି।

(୨୮) ଶ୍ରୀମୂର୍ତ୍ତିଙ୍କ ସ୍ଥାନକୁ ଗମନ

ଶ୍ରୀଭଗବାନଙ୍କ ମନ୍ଦିରକୁ ଯିବା, ତାଙ୍କୁ, ଦର୍ଶନକରିବା, ଦଣ୍ଡବତ ପ୍ରଣାମ, ସ୍ତବ-ସ୍ତୁତି-ପାଠ ଓ ନିର୍ମାଲ୍ୟ- ଗ୍ରହଣ ଇତ୍ୟାଦି ଦ୍ୱାରା ଅଭିବାଦନ କରିବା ଉଚିତ।

(୨୯) ପରିକ୍ରମା

ଭଗବାନଙ୍କ ମନ୍ଦିର, ତାହାଙ୍କ ଲୀଳା-ସ୍ଥଳୀ, ତୁଳସୀ, ଗିରିରାଜ ଗୋବର୍ଦ୍ଧନ, ଗୁରୁଙ୍କ ସ୍ଥାନ ଆଦିକୁ ନିଜର ଦକ୍ଷିଣ ଭାଗରେ ରଖି ପରିକ୍ରମା କରିବା ଉଚିତ। ପରିକ୍ରମା ସାଧାରଣତଃ ଚରିଥର କରିବା ଉଚିତ। 'ଶ୍ରୀହରିଭକ୍ତି ସୁଧୋଦୟ' ଗ୍ରନ୍ଥରେ କୁହାଯାଇଛି

ବିଷ୍ଣୁଂ ପ୍ରଦକ୍ଷିଣୀକୁର୍ବନ ଯସ୍ତତ୍ରାବର୍ତତେ ପୁନଃ
ତଦେବାବର୍ତନଂ ତସ୍ୟ ପୁନର୍ନାବର୍ତତେ ଭବେ (ଭ, ର. ସି. ୧/୨/୧୩୫)

ଯେଉଁ ବ୍ୟକ୍ତି ଶ୍ରୀବିଷ୍ଣୁଙ୍କୁ ପ୍ରଦକ୍ଷିଣ କରି ବାରମ୍ବାର ପରିକ୍ରମା କରନ୍ତି ତାଙ୍କର ସେହି ଆବର୍ତ୍ତନ ଅନ୍ତିମ ଅଟେ; ଯେହେତୁ ତାହାଙ୍କର ସଂସାରକୁ ଆଉ ପୁଣି ଫେରିବାକୁ ହୁଏ ନାହିଁ।

(୩୦) ପୂଜନ

ବିଭିନ୍ନ ଉପରରମାନଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କୁ ପୂଜିବାକୁ ପୂଜନ ବା ଅର୍ଚ୍ଚନ କହନ୍ତି ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ-ଏହି ପାଞ୍ଚୋଟି ଉପଚାର ଦ୍ୱାରା ପୁଜନକୁ ପଞ୍ଚୋପରର ପୂଜା କୁହାଯାଏ ଆସନ, ସ୍ୱାଗତ, ଆଚମନ, ପାଦ୍ୟ, ଅର୍ଘ୍ୟ, ମଧୁପର୍କ, ପୁନଃଆଚମନ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ ଧୂପ, ଦୀପ, ନୈବେଦ୍ୟ ଓ ଚନ୍ଦନ--ଏହି ଷୋହଳପ୍ରକାର ଉପଚାରଦ୍ୱାରା ଭଗବାନଙ୍କ ପୂଜାକୁ ଷୋଡଶ-ଉପଚାର'-ପୁଜନ କୁହାଯାଏ।

ଶ୍ରୀବିଷ୍ଣୋରର୍ଚ୍ଚନଂ ଯେ ତୁ ପ୍ରକୁର୍ବନ୍ତି ନରାଃ ଭୁବି।
ତରେ ଯାନ୍ତି ଶାଶ୍ୱତଂ ବିଷ୍ଣୋରାନନ୍ଦଂ ପରମଂ ପଦମ। (ଭ.ର.ସି. ୧/୨/୧୩୯ ଧୃତ, ବିଷ୍ଣୁରହସ୍ୟ)

ଅର୍ଥାତ ଯେଉଁ ବ୍ୟକ୍ତି ଭଗବାନ ଶ୍ରୀବିଷ୍ଣୁଙ୍କୁ ଅର୍ଚ୍ଚନା କରନ୍ତି, ସେମାନେ ଭଗବାନ ବିଷ୍ଣୁଙ୍କର ଶାଶ୍ୱତ ଆନନ୍ଦମୟ ପରମପଦକୁ ପାଆନ୍ତି।

- *କ୍ରମଶଃ*

# ଗାଁ ଛୋଟି ଓଡ଼ିଶା ଓ ଶ୍ରୀଭକ୍ତି ବିନୋଦ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)* **ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ଶ୍ରୀଳ ଠାକୁର ପୁନରାୟ ଓଡ଼ିଶାର ପୁରୀକୁ ଡେପୁଟି କଲେକ୍ଟର ହୋଇ ଆସିଲେ । ଏହି ସମୟରେ ସେ ଖଣ୍ଡଗିରି ନିକଟରେ ମହାବିଷ୍ଣୁ ସାଜିଥିବା ବିଶିକେଶନ ଯାଜପୁରେ ଜଣେ ବ୍ରହ୍ମାଙ୍କ ଅବତାର ଓ ଖୋରଧାରେ ଜଣେ ବଳଦେବଙ୍କ ଅବତାର ସାଜିଥିବା ବ୍ୟକ୍ତିଙ୍କୁ ବିଚାର କରି ସଜା ଦେଇଥିଲେ । ବିଶିକେଶନ ପ୍ରସଙ୍ଗ ପରେ ସ୍ୱତନ୍ତ୍ର ପ୍ରବନ୍ଧରେ ଲେଖିବାର ଇଛା ଅଛି । ଶ୍ରୀ ଠାକୁର ଲେଖିଛନ୍ତି ପୁରୀରେ ତାଙ୍କର ଅନେକ ଉନ୍ନତି ହେଲା। ଜଗନ୍ନାଥ ବଲ୍ଲଭ ଉଦ୍ୟାନରେ ଭାଗବତ ସଂସଦ ହୁଏ । ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରର ପ୍ରଶାସକ ଥିବା ବେଳେ ସେ ଲକ୍ଷ୍ମୀମନ୍ଦିର କିମ୍ବା ଶ୍ରୀଚୈତନ୍ୟ ପାଦପୀଠ ପାଖେ ବସନ୍ତି । ଶ୍ରୀଜଗନ୍ନାଥଙ୍କ ଡାଲି ତାଙ୍କୁ ଭାରି ଭଲ ଲାଗେ ଏବଂ ପ୍ରତ୍ୟହ ମନ୍ଦିରକୁ ଯିବା ବେଳେ କେହି ତାଙ୍କୁ ଶ୍ରୀଜଗନ୍ନାଥଙ୍କ ଡାଲି ଆଣି ଦିଅନ୍ତି । ଶ୍ରୀମନ୍ଦିର ସମ୍ବନ୍ଧେ ସେ ଲେଖିଛନ୍ତି ଯେ ମନ୍ଦିର ଯେପରି ଉଚ୍ଚ ଓ ମନୋହାରୀ ସେବା ମଧ୍ୟ ତଦ୍ରୂପ ଅପରୂପ । ଯେଉଁ ଲୀଳା ଦର୍ଶନ କରାହୁଏ ତାହା ଚିତ୍ତକୁ ମୁଗ୍ଧ କରେ । ସେ କେତେକ ବିଷୟରେ ସଂସ୍କାର ଆଣିବାକୁ ଚେଷ୍ଟା କରି ସେବକ ଓ ରାଜାଙ୍କ ବିରାଗ ଭାଜନ ହୋଇଥିଲେ, କିନ୍ତୁ ପ୍ରଭୁ ଜଗନ୍ନାଥ ତାଙ୍କର ସହାୟ ହୋଇଥିବାରୁ କେହି ତାଙ୍କର କିଛି ଅନିଷ୍ଟକର ନାହାଁନ୍ତି ସେ ୫ ବର୍ଷ ଶ୍ରୀ ଜଗନ୍ନାଥଙ୍କ ସେବାରେ ସମୟ କଟାଇଛନ୍ତି। ଏଇ ପୁରୀ ଧାମରେ ବଡ଼ଦାଣ୍ଡ ଶ୍ରୀରାମଚନ୍ଦ୍ର ଆଢ୍ୟଙ୍କ ଘରେ (ଯାହା ବତର୍ତମାନ ବଡ଼ଦାଣ୍ଡ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ – ଶ୍ରୀ ପ୍ରଭୁ ପାଦ ଜନ୍ମ ପୀଠ) ୧୮୭୪ ମାଘ ମାସରେ ବିମଳା ପ୍ରସାଦଙ୍କର ପ୍ରାକଟ୍ୟ ହୋଇଥିଲା ଏଇ ବିମଳା ପ୍ରସାଦ ହିଁ ପରବର୍ତ୍ତୀ କାଳରେ ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ରୂପେ ପରିଚିତ ହୋଇ ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଶୁଦ୍ଧ ଭକ୍ତି ଶ୍ରୀଚୈତନ୍ୟବାଣୀ ପ୍ରଚାର ପୂର୍ବକ ୬୪ ବା ୬୮ଟି ଗୌଡ଼ୀୟ ମଠ ପ୍ରତିଷ୍ଠା କରିଥିଲେ ।

ଶ୍ରୀଳ ଠାକୁର ତାଙ୍କ ଆତ୍ମ ଜୀବନୀର ୧୪୫ ପୃଷ୍ଠାରେ ଲେଖିଛନ୍ତି "ବିଦ୍ୟାଚର୍ଚ୍ଚା, ଭକ୍ତି ଅନୁଶୀଳନ ଏବଂ ଯାତ୍ରାଦି ଦର୍ଶନରେ ମହାସୁଖରେ ପୁରୀରେ କାଳ କଟାଇଥିଲି । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଯେ ସାକ୍ଷାତ ବୈକୁଣ୍ଠ ଏଥିରେ ଆଉ ସନ୍ଦେହ କ'ଣ ? ସେ ସ୍ଥାନ ଛାଡ଼ି ଆସିବକୁ ମନ ନଥିଲା ।" × × × କିନ୍ତୁ ୧୮୭୪ ଭେମ୍ବରରେ ପାରିବାରିକ କାର୍ଯ୍ୟ ଓ ଚାକିରୀରୁ ଛୁଟି ନେଇ ବଙ୍ଗକୁ ଗଲେ ଓ ପରେ ସେ ବଙ୍ଗର ବିଭିନ୍ନ ସ୍ଥାନରେ ପ୍ରଶାସକ ଭାବେ କାର୍ଯ୍ୟ କରି ତାରକେଶ୍ୱର ମହାଦେବଙ୍କ ସ୍ୱପ୍ନାଦେଶରେ ବ୍ରଜବାସ ଆଶା ଛାଡ଼ି ଗୌଡ଼ବ୍ରଜବନକୁ ଅଭେଦ ଭାବି ଗୋଦ୍ରୁମରେ ବାସ କରି ମାୟାପୁର ନବଦ୍ୱୀପରେ ଗୌର ଜନ୍ମସ୍ଥଳୀ ଆବିଷ୍କାର କରି ପ୍ରଥମେ ଚାଳଘରେ ଶ୍ରୀଲକ୍ଷ୍ମୀପ୍ରିୟା – ବିଷ୍ଣୁପ୍ରିୟାଙ୍କ ସହ ଶ୍ରୀଗୌରାଙ୍ଗଦେବଙ୍କୁ ପ୍ରତିଷ୍ଠା କରିଥିଲେ ।

ଶ୍ରୀ ଠାକୁରଙ୍କ ଦ୍ୱାରା ଭଦ୍ରକରେ ରଚିତ ଇଂରାଜୀ ପୁସ୍ତକ Maths of Orissa ସେ ଛୋଟି କଥା ଏହିପରି ଲେଖିଛନ୍ତି – "In that village (Chhoti) there is a religious hous which was granted by my predecessors.

ଓଡ଼ିଶା ବିଶେଷ କରି ପୁରୀ ତାଙ୍କୁ ଏତେ ଭଲ ଲାଗିଥିଲା ଯେ ସେ ତାଙ୍କ ରଚିତ 'ବିଜନଗ୍ରାମ' କାବ୍ୟରେ ସେହି ସୁଖସ୍ମୃତିକୁ ମନେପକାଇ ଦୁଃଖ ପ୍ରକାଶ କରି ଲେଖିଛନ୍ତି -

ଚିନ୍ତାହୀନ ବୁଲିବାକୁ ଗୋବର୍ଦ୍ଧନୀ କୂଳେ
ଶୁଣିଣ ପକ୍ଷୀଙ୍କ ଗାନ ? ଆହା ବୃକ୍ଷ ମୂଳେ । (କେନ୍ଦ୍ରାପଡ଼ା ଗୋବରୀ ନଦୀ କୂଳ)
× × ×
କାହିଁକି ଛାଡ଼ି ଆସିଲି ସେ ପବିତ୍ର ସ୍ଥାନ ।
ସାଗର ତରଙ୍ଗ ଯଥା ପର୍ବତ ସମାନ । (ପୁରୀ)
× × ×
ଅନଙ୍ଗଭୀମଙ୍କ କୀର୍ତ୍ତି ହୋଇଛି ପ୍ରକାଶ
ବହୁଛି ପ୍ରବଳ ବେଗେ ସଦା ବାରମାସ । (କଟକ - କାଠଯୋଡ଼ି ନଦୀ)
× × ×
ନ ରହିଲି କିମ୍ବା କାହିଁ ସାଳନ୍ଦୀର କୂଳେ (ଭଦ୍ରକ)
× × ×
ସେ ସବୁ ତ୍ୟଜିଣ ଯେ ବେ କାନ୍ଦିବାକୁ
କାହିଁକି ଆସିଲି ମୁହିଁ ଫେରି ସ୍ୱଗୃହକୁ ।

---

# ବୃନ୍ଦାବତୀଙ୍କ କାବ୍ୟରେ ଶ୍ରୀକୃଷ୍ଣତତ୍ତ୍ୱ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀ ଭକ୍ତିକୁଶଳ (ଖୋର୍ଦ୍ଧା)**

ଗୌଡ଼ୀୟମାନେ ଗୀତା ଓ ଭାଗବତରୁ ବହୁ ପ୍ରମାଣ ଦ୍ୱାରା ପ୍ରମାଣିତ କରନ୍ତି ଯେ ଶ୍ରୀକୃଷ୍ଣ ହିଁ ଜଗନ୍ନାଥ । ଉଭୟେ ଅଭିନ୍ନ । ସେସବୁ ପ୍ରମାଣ ଦେଲେ ପ୍ରବନ୍ଧ ବିସ୍ତାର ହେବ । ଗୀତା ଓ ଭାଗବତ ପାଠକମାନେ ଏହା ଜାଣନ୍ତି । ଅତଏବ ଶ୍ରୀକୃଷ୍ଣ ଜଗଗନ୍ନାଥ ହେଉଛନ୍ତି ଅଖିଳ ରସାମୃତ ସିନ୍ଧୁ । ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟଓ ମଧୁର ଏହି ପଞ୍ଚବିଧ ମୁଖ୍ୟରସ ଏବଂ ବୀର, କରୁଣ, ହାସ୍ୟ, ଭୟାନକାଦି ସପ୍ତବିଧ ଗୌଣରସାଦିର ଚରମ ବିକାଶ ହୋଇଛି ଶ୍ରୀକୃଷ୍ଣ ଲୀଳାରେ । ଅନ୍ୟାନ୍ୟ ଅବତାରରେ ଏ ସମସ୍ତ ରସର ପ୍ରକାଶ ହୋଇନାହିଁ । ଶ୍ରୀମଦ୍ ଭାଗବତ ୧୦/୪୩/୧୭ରେଅଛି-

ମଲ୍ଲାନାମଶନିନୃଣାଂ ନରବରଃ ସ୍ତ୍ରୀଣଂସ୍ମରୋ ମୂର୍ତ୍ତିମାନ୍ ।
ଗୋପାନଂ ସ୍ୱଜନ ହସତାଂ କ୍ଷିତିଭୂଜାଂ ଶାସ୍ତା ସ୍ୱ ପିତ୍ରୋଃ ଶିଶୁଃ ।
ମୃତ୍ୟୁର୍ଭୋଜପତେ ବରାଡ଼ିବିଦୂଷାଂ ତତତ୍ତ୍ୱଂ ପରଂ ଯୋଗୀନାମ୍ ।
ବୃଷ୍ଣାନାଂ ପରମ ଦେବତେତି ବିଦିତୋ ରଙ୍ଗମ୍ ଗତ ସାଗ୍ରଜଃ ।।

ଅର୍ଥାତ୍ ଶ୍ରୀକୃଷ୍ଣ ରଂଗସଭାକୁ ଯିବାବେଳେ କାହାକୁ କିପରି ଭାବେ ଦେଖାଯାଇଥିଲେ (ସ୍ୱ ସ୍ୱ ରସାନୁସାରେ) ତାହା ଭାଗବତର ଉପରୋକ୍ତ ଶ୍ଳୋକରୁ ଜଣାପଡ଼େ । ଗୌଡ଼ୀୟ ବୈଷ୍ଣବ କବି ବୃନ୍ଦାବତୀ ଦେବୀ ଶ୍ରୀମଦ୍ ଭାଗବତର ଏହି ଶ୍ଳୋକାନୁସାରେ ସ୍ୱୀୟ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ରେ ଲେଖିଛନ୍ତି -

ମାଲଙ୍କୁ ବଜ୍ରର ଆକାର । ରାଜନ ନର ମାନଙ୍କର ॥

ରମଣୀମାନଙ୍କୁ ମଦନ । ଗୋପାଳ ମାନଙ୍କୁ ସ୍ୱଜନ ॥

ଶାସ୍ତାନୃପତି ମାନଙ୍କର । ମାତା ପିତାଙ୍କର କୁମର ।।

କଂସାସୁରକୁ ପ୍ରେତରାଟ । ଅବିଦୁଷଙ୍କୁ ସେ ବିରାଟ ।।

ଯୋଗୀଙ୍କର ପରମତତ୍ତ୍ୱ । ଯଦୁଙ୍କ କୁଳ ଦଇବତ ॥

ଏ ଭାବେ ରଙ୍ଗ ମଞ୍ଚଠାରେ । ଦିଶିଲେ ବିବିଧ ପ୍ରକାରେ ॥

ଆମ ସାରସ୍ୱତ ଗୌଡ଼ୀୟ ଭକ୍ତ (ସରସ୍ୱତୀ ପ୍ରଭୁପାଦଙ୍କ ଅନୁଗ)ମାନେ ଏଇ ଉତ୍କଳୀୟ - ଗୌଡ଼ୀୟ ବିଚାର ବିଷୟରେ ଉଣା ଅଧିକେ ଜାଣିବା ଉଚିତ । ବୈଷ୍ଣବ କ'ଣ ଉତ୍କଳୀୟ, ବଙ୍ଗୀୟ, ଗୁଜୁରାଟୀ, ମହାରାଷ୍ଟ୍ରୀ, ଆସାମୀ, ତେଲୁଗୁ, ତାମିଲ୍ - ଏପରି ଭେଦ ଯଥାର୍ଥ ନୁହେଁ ଭେଦଟି ପ୍ରେମ (ରାଗାନୁଗା) ଭକ୍ତି ସାଧକ, ଜ୍ଞାନମିଶ୍ରାଭକ୍ତି ସାଧକ ଏପରି କହିବା ଯୁକ୍ତିଯୁକ୍ତ ।

ଯାହାହେଉ ଆମର ଓଡ଼ିଆ ନାରୀ ବୈଷ୍ଣବ କବି ବୃନ୍ଦାବତୀ ଦେବୀଙ୍କ ପୂର୍ଣ୍ଣତମ ଚନ୍ଦ୍ରୋଦୟ ଆମେ ଅଧ୍ୟୟନ କରି ତାଙ୍କ ବିଷୟରେ ଏବଂ ତାଙ୍କ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରିବା ବିଧେୟ । ବୃନ୍ଦାବତୀ ଦେବୀ ଘୋଷଣା କରି କହିଚନ୍ତି ଯେ -

ସେ କୋଟି (କୃଷ୍ଣ) ବ୍ରହ୍ମାଣ୍ଡ ଠାକୁର । ତ୍ରିଗୁଣାତୀତ ବେଣୁଧର ॥

ତାହାଙ୍କ ଗୁଣ ଦୋଷ ନାହିଁ । ବିଧି ନିଷେଧ ଯା'ର ନାହିଁ ।।

କର୍ମ ବନ୍ଧନ ନାହିଁ ଯା'ର । ଇଚ୍ଛାୟେ ହୋନ୍ତି ଅବତାର ॥

(୧ ଅଧ୍ୟାୟ ୧୭-୧୮ ପଦ ପୂର୍ଣ୍ଣତମ ଚନ୍ଦ୍ରୋଦୟ)

*('ପୂର୍ଣ୍ଣତମ ଚନ୍ଦ୍ରୋଦୟ' ଖୋର୍ଦ୍ଧା କଲେଜ ଓଡ଼ିଆ ବିଭାଗ ଓ ଖୋର୍ଦ୍ଧା ଶ୍ରୀ ଚୈତନ୍ୟ ଗବେଷଣା ସଂଘ ପକ୍ଷରୁ ପ୍ରକାଶିତ ହୋଇଛି ।)*